# NATIONAL NEWS BULLETIN (ODIA)
## 15 April - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିହାରର ନୂତନ ସରକାର ରାଜ୍ୟବାସୀଙ୍କର ଆକାଂକ୍ଷା ପୂରଣ କରିବା ସହିତ ସାମଗ୍ରୀକ ବିକାଶର ଏକ ନୂତନ ଶିଖର ଛୁଇଁବାରେ ସହାୟକ ହେବ, କହିଲେ ପ୍ରଧାନମନ୍ତ୍ରୀ ।
- ଶକ୍ତି କ୍ଷେତ୍ରରେ ଦେଖାଦେଇଥିବା ଅନିଶ୍ଚିତତା ମଧ୍ୟରେ ଏକ ସୁରକ୍ଷିତ ଏବଂ ବାଧାମୁକ୍ତ ସାମୁଦ୍ରିକ ପରିବହନ ଉପରେ ଭାରତର ଗୁରୁତ୍ୱାରୋପ ।
- ସି.ବି.ଏସ୍.ଇ. ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ୯୩ ଦଶମିକ ୭ ପ୍ରତିଶତ ପରୀକ୍ଷାର୍ଥୀ କୃତକାର୍ଯ୍ୟ ।

ଏବଂ

- ଆଇପିଏଲ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଲକ୍ଷ୍ନୌ ସୁପରଜାଏଣ୍ଟସ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

# ବିହାର ନ୍ୟୁ ସିଏମ୍ ଓଥ୍

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ସମ୍ରାଟ ଚୌଧୁରୀ ବିହାରର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିଛନ୍ତି। ପାଟନା ସ୍ଥିତ ଲୋକ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟପାଳ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ୍ ସୟଦ ଅତା ହସନୈନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

ଶ୍ରୀ ଚୌଧୁରୀ ରାଜ୍ୟର ୨୪ତମ ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ଏହି ସର୍ବୋଚ୍ଚ ପଦବୀ ଗ୍ରହଣ କରିବାରେ ସେ ହେଉଛନ୍ତି ପ୍ରଥମ ବିଜେପି ନେତା। ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ବରିଷ୍ଠ ନେତା ତଥା ସରାଇରଞ୍ଜନ ବିଧାୟକ ବିଜୟ କୁମାର ଚୌଧୁରୀ ଏବଂ ସୁପୌଲ ବିଧାୟକ ବିଜେନ୍ଦ୍ର ପ୍ରସାଦ ଯାଦବ ମଧ୍ୟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶ୍ରୀ ଚୌଧୁରୀ ଏବଂ ଶ୍ରୀ ଯାଦବ ଉପ-ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବେ।

ଇତିମଧ୍ୟରେ ବିହାରର ନୂତନ ସରକାରରେ ଯୋଗଦେଇଥିବା ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ନିଜ ପାଖରେ ସାଧାରଣ ପ୍ରଶାସନ, ଗୃହ ଏବଂ କ୍ୟାବିନେଟ୍ ସେକ୍ରେଟେରୀଏଟ୍ ସମେତ ୨୯ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ରଖିଛନ୍ତି । ସେହିଭଳି ଉପମୁଖ୍ୟମନ୍ତ୍ରୀ ବିଜୟ କୁମାରଙ୍କୁ ସଂସଦୀୟ ବ୍ୟାପାର, ଜଳ ସମ୍ପଦ ଏବଂ ସୂଚନା ଓ ଜନସମ୍ପର୍କ

ସମେତ ୧୦ଟି ବିଭାଗର ଦାୟିତ୍ୱ ଦିଆଯାଇଛି । ଅନ୍ୟ ପକ୍ଷରେ ଅର୍ଥ, ଶକ୍ତି ସମେତ ୮ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଉପମୁଖ୍ୟମନ୍ତ୍ରୀ ବିଜେନ୍ଦ୍ର ପ୍ରସାଦ ଯାଦବ ରହିଛନ୍ତି ।

## ପିଏମ୍-ବିହାର ସିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ନୂତନ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦେଇଥିବା ଶୁଭେଚ୍ଛା ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଶ୍ରୀ ଚୌଧୁରୀଙ୍କର ଜନସେବା ପ୍ରତି ଉତ୍ସର୍ଗୀକୃତ ମନୋଭାବ, ତୃଣମୂଳ ସ୍ତରରେ ଅଭିଜ୍ଞତା ଏବଂ ନିଜର ଇଚ୍ଛା ଶକ୍ତି' ରାଜ୍ୟର ସାମଗ୍ରୀକ ବିକାଶ ଦିଗରେ ସହାୟକ ହେବ । ଶ୍ରୀ ଚୌଧୁରୀଙ୍କର ସଫଳ ନେତୃତ୍ୱ ପ୍ରତି ଆଶାବ୍ୟକ୍ତ କରିବା ସହିତ ଆଗାମୀ ଦିନରେ ରାଜ୍ୟବାସୀଙ୍କର ସମସ୍ତ ଆକାଂକ୍ଷା ପୂରଣ ହେବା ସହ  ସାମଗ୍ରୀକ ବିକାଶର ଏକ ନୂତନ ଶିଖରରେ ବିହାର ପହଞ୍ଚିପାରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

ଏଥିସହିତ ପ୍ରଧାନମନ୍ତ୍ରୀ ଆଜି ଶପଥ ନେଇଥିବା ରାଜ୍ୟର ଅନ୍ୟ ଦୁଇ ଉପ-ମୁଖ୍ୟମନ୍ତ୍ରୀ ବିଜୟ କୁମାର ଚୌଧୁରୀ ଓ ବିଜେନ୍ଦ୍ର ପ୍ରସାଦ ଯାଦବଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି । ଏହି ଦୁଇ ନେତାଙ୍କର ତୃଣମୂଳ ସ୍ତରର ଅଭିଜ୍ଞତା ଏବଂ ଜନକଲ୍ୟାଣ ଦିଗରେ ନିଜର ପ୍ରତିବଦ୍ଧତା ମାଧ୍ୟମରେ

ରାଜ୍ୟର ପ୍ରଗତିକୁ ଏକ ନୂତନ ଦିଗ ମିଳିବ ବୋଲି ପ୍ରଧାନମନ୍ତ୍ରୀ ଆଶାପୋଷଣ କରିଛନ୍ତି ।

## ଜୟଶଙ୍କର

ବିଶ୍ୱ ସ୍ତରରେ ଶକ୍ତି କ୍ଷେତ୍ରରେ ଦେଖାଦେଇଥିବା ଉଦ୍‌ବେଗଜନକ ସ୍ଥିତିରେ ଏକ ସୁରକ୍ଷିତ ତଥା ବାଧାମୁକ୍ତ ସାମୁଦ୍ରିକ ପରିବହନ ସୁନିଶ୍ଚିତ କରିବା ଦିଗରେ ଭାରତ ପ୍ରତିବଦ୍ଧ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏସିଆ ଶୂନ୍ୟ ନିର୍ଗମନ କମ୍ୟୁନିଟି ପ୍ଲସ୍ ବୈଠକରେ ଏହି ସୂଚନା ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଜାପାନ ଦ୍ୱାରା ଆୟୋଜିତ ଏହି ବୈଠକରେ ବିଶେଷ କରି ଶକ୍ତି କ୍ଷେତ୍ରର ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ଦେଖାଦେଉଥିବା ପ୍ରତିବନ୍ଧକକୁ କିଭଳି ଦୂର କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଛି । ଯେକୌଣସି ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଶକ୍ତି କ୍ଷେତ୍ରର ବିପଣନ ବାଧାମୁକ୍ତ ହୋଇପାରିଲେ ବିଶ୍ୱସ୍ତରରେ ଅଭିବୃଦ୍ଧି ହାସଲ କରାଯାଇପାରିବ ବୋଲି ସେ କହିଛନ୍ତି । ଶକ୍ତି କ୍ଷେତ୍ରରେ ଏକ ନିରନ୍ତର ଯୋଗାଣ ଶୃଙ୍ଖଳକୁ ବଜାୟ ରଖିବା ସହିତ ଏହାକୁ ଅଧିକ

ସଶକ୍ତ କରିବା ଦିଗରେ ଭାରତ ସମଭାବାପନ୍ନ ବାଗିଦାରୀଙ୍କ ସହିତ ମିଳିତ ପ୍ରୟାସ କରିବ ବୋଲି ଡକ୍ଟର ଜୟଶଙ୍କର ଘୋଷଣା କରିଛନ୍ତି ।

## କୋଲକାତା–ଅମିତ ଶାହା

ପଶ୍ଚିମବଙ୍ଗରେ ବିଜେପି କ୍ଷମତାକୁ ଆସିଲେ ରାଜ୍ୟର ଚା' ବଗିଚାରେ କାର୍ଯ୍ୟରତ ଶ୍ରମିକମାନଙ୍କର କଲ୍ୟାଣ ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଘୋଷଣା କରିଛନ୍ତି ।  ଆଜି ଜଲପାଇଗୁଡ଼ି ଜିଲ୍ଲା ଅନ୍ତର୍ଗତ ରାଜଗଞ୍ଜ ଓ ଫାଲାକାଟାଠାରେ ଆୟୋଜିତ ଦୁଇଟି ପୃଥକ ପୃଥକ ଜନସମାବେଶରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଚା' ବଗିଚାରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଜମି ଅଧିକାର ପ୍ରଦାନ କରାଯିବା ସହିତ ସେମାନଙ୍କର ମଜୁରୀ ମଧ୍ୟ ବୃଦ୍ଧି କରାଯିବ । ଏତଦ୍‌ବ୍ୟତୀତ ଏହି ଶ୍ରମିକମାନଙ୍କର ପିଲାମାନଙ୍କର ପାଠପଢ଼ା ଲାଗି ସେଠାରେ ବିଦ୍ୟାଳୟ ମଧ୍ୟ ସ୍ଥାପନ କରାଯିବ ବୋଲି ଶ୍ରୀ ଶାହା କହିଛନ୍ତି । ସେ କହିଛନ୍ତି,

**VO-AMIT-SHAH-ON-CHAI-BAGHAAN**

ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଆଗାମୀ ବିଧାନସଭା ନିର୍ବାଚନରେ ବିଜେପି ରାଜ୍ୟରେ କ୍ଷମତା ହାସଲ କଲେ ଉତ୍ତର ବଙ୍ଗର ବାଲି ଏବଂ

ପଥର ମାଫିଆଙ୍କ ବିରୁଦ୍ଧରେ ଆଇନ୍‌ଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାଛଡ଼ା ଜନଜାତି ସମ୍ପ୍ରଦାୟ ବର୍ଗଙ୍କ ଲାଗି କ୍ରୀଡ଼ା ଭିତ୍ତିଭୂମି ଏବଂ ବିଶ୍ୱବିଦ୍ୟାଳୟ ମଧ୍ୟ ସ୍ଥାପନ କରାଯିବ ବୋଲି ଶ୍ରୀ ଶାହା କହିଛନ୍ତି ।

ଅନ୍ୟ ପକ୍ଷରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି ଉତ୍ତର ଦିନାଜପୁର ଜିଲ୍ଲା ଅନ୍ତର୍ଗତ ଇସ୍‌ଲାମପୁରଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ କହିଛନ୍ତି, ସ୍ଥାନୀୟ ଚା’ ବଗିଚାରେ କାର୍ଯ୍ୟରତ ଶ୍ରମିକମାନଙ୍କର କଲ୍ୟାଣ ଲାଗି ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଖୁବ୍ ଶୀଘ୍ର ସେମାନଙ୍କୁ ଜମି ଅଧିକାର ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ସିଭିଏସ୍‌ଇ ରେଜଲ୍ଟ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ – ସି.ବି.ଏସ୍.ଇ. ଦ୍ୱାରା ୨୦୨୫-୨୬ ଶିକ୍ଷାବର୍ଷ ଲାଗି ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାଫଳ ପ୍ରକାଶ ପାଇଛି । ସି.ବି.ଏସ୍.ଇ. ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଚଳିତ ଥର ୯୩ ଦଶମିକ୍ ୭ ପ୍ରତିଶତ ଛାତ୍ରଛାତ୍ରୀ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି । ଗତବର୍ଷ ତୁଳନାରେ ଚଳିତ ବର୍ଷ ପାସ୍ ହାରରେ ଶୂନ୍ ଦଶମିକ୍ ଶୂନ୍ ୪ ପ୍ରତିଶତ ବୃଦ୍ଧି ପାଇଛି । ଚଳିତ ବର୍ଷ ମଧ୍ୟ ଛାତ୍ରୀମାନେ

ଛାତ୍ରଙ୍କ ତୁଳନାରେ ଉନ୍ନତ ପ୍ରଦର୍ଶନ କରିବା ସହିତ ତାଙ୍କର ପାସ୍ ହାର ୯୪ ଦଶମିକ୍ ୯/୯ ପ୍ରତିଶତ ରହିଛି । ଛାତ୍ରମାନଙ୍କର ପାସ୍ ହାର ୯୨ ଦଶମିକ୍ ୬/୯ ପ୍ରତିଶତ ହୋଇଥିବା ବେଳେ ୮୭ ଦଶମିକ୍ ୫ ପ୍ରତିଶତ ତୃତୀୟ ଲିଙ୍ଗୀ ବର୍ଗର ଛାତ୍ରଛାତ୍ରୀ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ତ୍ରିଭେନ୍ଦ୍ରମ୍ ଓ ବିଜୟୱାଡ଼ା ରିଜିୟନ୍‌ରେ ୯୯ ଦଶମିକ୍ ୭/୯ ସର୍ବାଧିକ ପାସ୍ ପ୍ରତିଶତହାର ରହିଥିବା ବେଳେ ଚେନ୍ନାଇରେ ୯୯ ଦଶମିକ୍ ୫/୮ ପ୍ରତିଶତ ରହିଛି । ସର୍ବନିମ୍ନ ୮୭ ଦଶମିକ୍ ୫ ପ୍ରତିଶତ ପାସ୍ ହାର ଗୌହାଟୀ ରିଜିୟନ୍‌ରେ ରେକର୍ଡ଼ କରାଯାଇଥିବା ସି.ବି.ଏସ୍.ସି. କହିଛି ।

## ଗଭ୍-ୱେଷ୍ଟ ଏସିଆ ବ୍ରିଫ୍

ପଶ୍ଚିମ ଏସିଆରେ ସୃଷ୍ଟ ଦ୍ୱନ୍ଦ୍ୱ ସ୍ଥିତି ସତ୍ତ୍ୱେ ସରକାର ଦେଶରେ ଶତପ୍ରତିଶତ ଘରୋଇ ଏଲ୍.ପି.ଜି. ଯୋଗାଣ ସୁନିଶ୍ଚିତ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଆନ୍ତଃ ମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଯୁଗ୍ମ ସଚିବ ସୁଜାତା ଶର୍ମା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦେଶ ବ୍ୟାପି ଘରୋଇ ଏଲ୍.ପି.ଜି. ଯୋଗାଣ ପ୍ରକ୍ରିୟା ସ୍ୱଭାବିକ ରହିଛି ।

ଅନ୍‌ଲାଇନ୍‌ରେ ଏଲ୍‌ପିଜି ସିଲିଣ୍ଡର ବୁକିଂ ପ୍ରକ୍ରିୟା ୯୮ ପ୍ରତିଶତରେ ପହଞ୍ଚିଥିବା ବେଳେ ଓ.ଟି.ପି. ଭିତ୍ତିକ ଯୋଗାଣ ୯୩ ପ୍ରତିଶତ ଅତିକ୍ରମ

କରିଛି ବୋଲି ଶ୍ରୀମତୀ ଶର୍ମା କହିଛନ୍ତି । ସେ କହିଛନ୍ତି, ଗତ ମାର୍ଚ୍ଚ ୧୫ ତାରିଖ ପରଠାରୁ ଦେଶରେ ୧ ଲକ୍ଷ ୩୪ ହଜାର ଟନ୍‌ରୁ ଊର୍ଦ୍ଧ୍ୱ ବାଣିଜ୍ୟିକ ଏଲ୍.ପି.ଜି. ବିତରଣ କରାଯାଇଛି । ସେହିଭଳି ୪ ଲକ୍ଷ ୫୦ ହଜାର ପି.ଏନ୍.ଜି. ସଂଯୋଗୀକରଣ କରାଯାଇଥିବା ବେଳେ ୫ ଲକ୍ଷ ନୂତନ ପି.ଏନ୍.ଜି. ଗ୍ରାହକଙ୍କୁ ଏଥିରେ ସାମିଲ କରାଯାଇଛି । ତେବେ ଏଲ୍.ପି.ଜି. ସିଲିଣ୍ଡରର କଳାବଜାରୀକୁ ରୋକିବା ଲାଗି ଇତିମଧ୍ୟରେ ଦେଶ ବ୍ୟାପି ୨ ହଜାର ୧୦୦ ସ୍ଥାନରେ ଚଢ଼ାଉ କରାଯାଇଛି ଏବଂ ୨୩୭ ବିତରଣକାରୀଙ୍କଠାରୁ ଏଥିଲାଗି ଜୋରିମାନା ଆଦାୟ କରାଯାଇଛି । ଏହାଛଡ଼ା ୫୮ଟି ଏଲ୍.ପି.ଜି. ବିତରଣକାରୀଙ୍କୁ ନିଲମ୍ବନ କରାଯାଇଛି ବୋଲି ଶ୍ରୀମତୀ ଶର୍ମା କହିଛନ୍ତି ।

## VO-SUJATA-ON-RAIDS

ଏହି ସାମ୍ବାଦିକ ସମ୍ମିଳନୀରେ ଏମ୍.ଏସ୍.ଏମ୍.ଇ. ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଡକ୍ଟର ରଜନୀଶ କହିଛନ୍ତି, ବିଶ୍ୱବ୍ୟାପି ଦେଖାଦେଇଥିବା ଅନିଶ୍ଚିତତା ସତ୍ତ୍ୱେ ଗତ ଫେବୃୟାରୀ ଓ ମାର୍ଚ୍ଚ ମାସରେ ମନ୍ତ୍ରଣାଳୟର ଉଦ୍ୟମ ପୋର୍ଟାଲ୍‌ରେ ଦେଶର ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଏମ୍.ଏସ୍.ଏମ୍.ଇ. ଉଦ୍ୟୋଗୀ ନିଜକୁ ପଞ୍ଜିକୃତ କରିଛନ୍ତି । ଏମ୍.ଏସ୍.ଏମ୍.ଇ.ମାନଙ୍କ ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ୍ ବନ୍ଧକ ମୁକ୍ତ ଋଣ ପରିମାଣ ୧୦ ଲକ୍ଷରୁ ୨୦ ଲକ୍ଷକୁ ବୃଦ୍ଧି କରିଛନ୍ତି । ସେହିଭଳି ଏହି ଉଦ୍ୟୋଗୀମାନଙ୍କ ଲାଗି ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ପକ୍ଷରୁ ଏକ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ କଞ୍ଚା ମାଲ୍ ଉପଲବ୍ଧ

କରାଯାଇଛି ବୋଲି ଅତିରିକ୍ତ ସଚିବ ଡକ୍ଟର ରଜନୀଶ ସୂଚନା ଦେଇଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଉ ଅଳ୍ପ ସମୟ ପରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଲକ୍ଷ୍ନୌ ସୁପରଜ୍ୟାଏଣ୍ଟସ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । ବେଙ୍ଗାଲୁରୁର ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।